# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 May - 2025

*********************************

## ମୁଖ୍ୟ ସମ୍ବାଦ

- ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ନୂଆଦିଲ୍ଲୀ ସଂସଦ ଭବନ ପରିସରରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ
- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ସ୍ଥଗିତ
- ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ପରାମର୍ଶ
- 'ଥାଲାସେମିଆ ପାଇଁ ଏକତ୍ର ହେବା, ରୋଗୀଙ୍କୁ ଅଗ୍ରାଧିକାର ଦେବା' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଥାଲାସେମିଆ ଦିବସ

ଏବଂ

- ଗ୍ରୀଷ୍ମ ପ୍ରବାହ ନେଇ ଆସନ୍ତା ୨୪ ଘଣ୍ଟା ପାଇଁ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର

***Desk***

# ସର୍ବଦଳୀୟ ବୈଠକ

ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ଆଜି ନୂଆଦିଲ୍ଲୀ ସଂସଦ ଭବନ ପରିସରରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ଡକ୍ଟର ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କୁ ସରକାରଙ୍କ ପକ୍ଷରୁ 'ଅପରେସନ୍ ସିନ୍ଦୂର' ସମ୍ପର୍କରେ ଅବଗତ କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଜେପି ରାଷ୍ଟ୍ରୀୟ ଜେ.ପି.ନଡ୍ଡା, ରାଜ୍ୟସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ  ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା ଯୋଗ ଦେଇଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ବୈଠକରେ ଆତଙ୍କବାଦ ବିରୋଧରେ ଭାରତୀୟ ସେନାର ପଦକ୍ଷେପକୁ ସବୁ ରାଜନୈତିକ ଦଳ ସମର୍ଥନ କରିଛନ୍ତି ।

**- V/O -**

ସୂଚନାଯୋଗ୍ୟ, ପୂର୍ବରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ବିରୋଧୀ ଦଳର ନେତାମାନେ ସମର୍ଥନ ଜଣାଇଛନ୍ତି ।

*Desk*

## ଏୟାର ଇଣ୍ଡିଆ- ପ୍ରତିରକ୍ଷା କର୍ମଚାରୀ

ବିମାନ ଟିକେଟ ବୁକ୍ କରିଥିବା ପ୍ରତିରକ୍ଷା କର୍ମଚାରୀଙ୍କ ପାଇଁ ନିଃଶୁଳ୍କ ଯାତ୍ରା ପୁନଃନିର୍ଦ୍ଧାରଣ ସହ ବାତିଲ ଉପରେ ସମ୍ପୂର୍ଣ୍ଣ ଅର୍ଥଫେରସ୍ତ ଦିଆଯିବ ବୋଲି ଏୟାର ଇଣ୍ଡିଆ କହିଛି। ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ଭାରତୀୟ ସଶସ୍ତ୍ରବାହିନୀକୁ ସମର୍ଥନ ଜଣାଇ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଟିକେଟ ବାତିଲ କ୍ଷେତ୍ରରେ ପ୍ରତିରକ୍ଷା କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ ବ୍ୟବସ୍ଥା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ସେହିଭଳି ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଯାତ୍ରା ପରିବର୍ତ୍ତନ କ୍ଷେତ୍ରରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ ବୋଲି ଏହି ଏୟାର ଲାଇନ୍ସ ପକ୍ଷରୁ ଘୋଷଣା କରାଯାଇଛି।

*Desk*

## ଅମିତ ଶାହା ଓଡ଼ିଶା ଗସ୍ତ ସ୍ଥଗିତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିଥିବା ନେଇ ବିଜେପିର ବରିଷ୍ଠ ସଦସ୍ୟ ତଥା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗସ୍ତ ବାତିଲ ଫଳରେ ଆସନ୍ତା ୧୦ ଏବଂ ୧୧ ତାରିଖରେ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି।

*Desk*

## ଖାଦ୍ୟ ମହଜୁଦ

ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ପାଇଁ ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ ରଖିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଆଗାମୀ ପରିସ୍ଥିତି ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ସହ ଡାଲି, ଚାଉଳ, ତେଲ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଯଥେଷ୍ଟ ପରିମାଣରେ ଗଚ୍ଛିତ ରହିଛି। ଏହି ସମୟରେ କୌଣସି ପ୍ରକାର କଳାବଜାରୀକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

*Desk*

## ବିମାନ ଉଡ଼ାଣ ବାତିଲ

ସାମ୍ପ୍ରତିକ ପରିସ୍ଥିତକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରୁ ବିମାନ ବନ୍ଦରରୁ ଦୁଇଟି ବିମାନ ଉଡ଼ାଣକୁ ବାତିଲ କରାଯାଇଛି। ଭୁବନେଶ୍ୱରରୁ ହିଣ୍ଡନ ଗାଜିଆବାଦ, ଭୁବନେଶ୍ୱରରୁ ପାଟନା ଦେଇ ଚଣ୍ଡୀଗଡ଼ ଯାଉଥିବା ବିମାନ ଉଡ଼ାଣକୁ ବାତିଲ କରାଯାଇଛି ବୋଲି ଭୁବନେଶ୍ୱର ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି।

**- V/O –**

*HS*

## ସାଇନ୍ସ ସିଟି

ରାଜଧାନୀ ଭୁବନେଶ୍ୱରରେ ଆଗାମୀ ଦିନରେ ଏକ ସାଇନ୍ସ ସିଟି ପ୍ରତିଷ୍ଠା କରାଯିବା ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଶ୍ରୀ ପାତ୍ର କହିଛନ୍ତି, ଏ ନେଇ ସେ ଅହମ୍ମଦାବାଦରେ ଥିବା ସାଇନ୍ସ ସିଟି ପରିଦର୍ଶନ କରି ଆସିଛନ୍ତି। ରାଜ୍ୟରେ ସାଇନ୍ସ ସିଟି ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ବେଳେ ସମସ୍ତ ଜିଲ୍ଲାରେ ସାଇନ୍ସ ପାର୍କ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

*Desk*

## ବିଚାରପତି - ଶପଥ ଗ୍ରହଣ

ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଜଷ୍ଟିସ୍ କୃଷ୍ଣ ଶ୍ରୀପଦ ଦୀକ୍ଷିତ୍ ଆସନ୍ତା ୧୨ ତାରିଖରେ ଶପଥ ଗ୍ରହଣ କରିବେ । ଗତମାସ ୧୫ ଏବଂ ୧୯ ତାରିଖରେ ଅନୁଷ୍ଠିତ ସୁପ୍ରିମ୍‌କୋର୍ଟର କଲିଜିୟମ୍ ବୈଠକରେ ଜଷ୍ଟିସ୍ କୃଷ୍ଣ ଶ୍ରୀପଦ ଦୀକ୍ଷିତ୍‌ଙ୍କ ସହ ମୋଟ୍ ୭ ଜଣ ବିଚାରପତିଙ୍କୁ ବିଭିନ୍ନ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ୍ କରାଯାଇଥିଲା । ଜଷ୍ଟିସ୍ ଦୀକ୍ଷିତ୍‌ଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟର ବିଚାରପତି ସଂଖ୍ୟା ୧୯ରେ ପହଞ୍ଚିବ ।

# ଥାଲାସେମିଆ ଦିବସ

ଥାଲାସେମିଆ ରୋଗର କାରଣ ଓ ଚିକିତ୍ସା ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଥାଲାସେମିଆ ଦିବସ ପାଳନ କରାଯାଉଛି । ଥାଲାସେମିଆ ଏକ ରକ୍ତ ବିକାର ସମସ୍ୟା । ଚଳିତ ବର୍ଷର ବାର୍ତ୍ତା ରହିଛି "ଥାଲାସେମିଆ ପାଇଁ ଏକତ୍ର ହେବା : ଥାଲାସେମିଆ ରୋଗୀଙ୍କୁ ଅଗ୍ରାଧିକାର ଦେବା"। ଦେଶରେ ମୋଟ୍ ଜନସଂଖ୍ୟାର ପ୍ରାୟ ୧ ଦଶମିକ ୫ ପ୍ରତିଶତ ଲୋକ ଥାଲାସେମିଆରେ ଆକ୍ରାନ୍ତ ହୋଇଥିବା ବେଳେ ରାଜ୍ୟରେ ୧୨ ହଜାରରୁ ଅଧିକ ଥାଲାସେମିଆ ରୋଗୀ ରହିଥିବା ଜଣାପଡ଼ିଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ଥାଲାସେମିଆ ଦିବସ ପାଳନ ଅବସରରେ ଏହି ରୋଗର ମୁକାବିଲା ପାଇଁ ସାମୂହିକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ମାଝୀ କହିଛନ୍ତି, ସଚେତନତା ବୃଦ୍ଧି, ରୋଗୀଙ୍କୁ ସମର୍ଥନ ଏବଂ ସ୍କ୍ରିନିଂ ତଥା ଚିକିତ୍ସା ପ୍ରୟାସକୁ ସୁଦୃଢ଼ କରି ଆମର ପ୍ରତିବଦ୍ଧତାକୁ ପୁନଃ ସ୍ଥାପନ କରିବା। ଏହି ଶାରୀରିକ ସମସ୍ୟାର ଶୀଘ୍ର ଚିହ୍ନଟ ଅଗଣିତ ଜୀବନ ରକ୍ଷା କରିପାରିବ।

***Boudh/BHK/Desk***

# ରେଡ୍‌କ୍ରସ ଦିବସ

ଆଜି ବିଶ୍ୱ ରେଡ୍‌କ୍ରସ ଦିବସ । ରେଡ୍‌କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନର ପ୍ରତିଷ୍ଠାତା ହେନେରୀ ଡିଓନାଣ୍ଟଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ମଇ ମାସ ୮ ତାରିଖ ଆଜିର ଦିନରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଆସୁଛି । ଅନ୍ତର୍ଜାତୀୟ ରେଡ୍‌କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନ ସଂପର୍କରେ ଲୋକଙ୍କ ଧାରଣାକୁ ବ୍ୟାପକ କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ବିଶ୍ୱରେ ମାନବତାକୁ ବଞ୍ଚାଇ ରଖିବା" ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ରେଡକ୍ରସ ଦିବସରେ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ଅଦମ୍ୟ ସାହସ ପାଇଁ ସେମାନଙ୍କୁ ସାଧୁବାଦ ଜଣାଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ସ୍ୱେଚ୍ଛାସେବୀଙ୍କ ନିଃସ୍ୱାର୍ଥପର ସେବାକୁ ରାଜ୍ୟବାସୀ ସର୍ବଦା ମନେ ରଖିବେ। ରେଡ୍‌କ୍ରସ ପ୍ରତିନିଧିତ୍ୱ କରୁଥିବା ମାନବିକତା, ନିରପେକ୍ଷତା ଓ ସ୍ୱେଚ୍ଛାସେବୀ ସେବାର ଆଦର୍ଶକୁ ବଜାୟୀ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ ହୋଇଥିବାର ଖବର ଆମର ହସ୍ତଗତ ହୋଇଛି।

ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ସ୍ୱାସ୍ଥ୍ୟସେବା ଏବଂ ରକ୍ତଦାନ କ୍ଷେତ୍ରରେ ରେଡକ୍ରସର ଭୂମିକା ଉପରେ ଆଲୋକପାତ କରାଯାଇଥିଲା।

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ରେଡକ୍ରସ ଶାଖା ପକ୍ଷରୁ ଏହି ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କାର୍ଯ୍ୟକ୍ରମରେ ଯୋଗଦେଇ ରେଡକ୍ରସ ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

***Nayagarh***

## ରାଷ୍ଟ୍ରୀୟ ଲୋକ ଅଦାଲତ

ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୧୦ ତାରିଖ ଶନିବାର ଦିନ ଅନୁଷ୍ଠିତ ହେବ। ଏ ନେଇ ନୟାଗଡ଼ ଜିଲ୍ଲାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସମସ୍ତ ବ୍ଲକ, ବଜାର ଏବଂ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଅଧିକାର ମିତ୍ରମାନଙ୍କୁ ନେଇ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଲୋକ ଅଦାଲତ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ସମସ୍ତ ପ୍ରକାର ବିଚାରାଧୀନ ମାମଲାର ସମାଧାନ କରାଯିବ। ଅଧିକ ବିବରଣୀ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ହେଲ୍ପ ଲାଇନ୍ ନମ୍ବର ଜାରି କରାଯାଇଛି।

*Nayagarh*

## ସମୀକ୍ଷା ବୈଠକ

ନୟାଗଡ଼ ଜିଲ୍ଲାପାଳଙ୍କ ସଭାଗୃହରେ ଗର୍ଭଧାରଣ ପୂର୍ବ ଏବଂ ଲିଙ୍ଗ ନିରୂପଣ ଅଧିନିୟମ ଉପରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକର ମାନ୍ୟତା, କାର୍ଯ୍ୟଶୈଳୀ ଉପରେ ଆଲୋଚନା କରାଯାଇଥିଲା। ଏହା ସହ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପ୍ରମାଣପତ୍ର ଓ କାର୍ଯ୍ୟଦକ୍ଷତାର ସମ୍ପୂର୍ଣ୍ଣ ତଥ୍ୟ ଯାଞ୍ଚ ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି।

*Deogarh*

## ରାଜସ୍ୱ ବୈଠକ

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଗତ ମାସରେ ଧାର୍ଯ୍ୟ ଥିବା ଭୂ-ରାଜସ୍ୱ, ଜଳକର, ପାନୀୟଜଳ ବକେୟା ଅର୍ଥ ପଇଠ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଆଞ୍ଚଳିକ ପରିବହନ ଅଧିକାରୀ ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

*Desk*

## ଆର୍‌ବିଆଇ ନିୟମାବଳୀ

ଭାରତୀୟ ରିଜର୍ଭ ବ୍ୟାଙ୍କ– ଆର୍.ବି.ଆଇ. ନିୟମାବଳୀ ପ୍ରସ୍ତୁତି ଏବଂ ପ୍ରଣୟନ ପ୍ରକ୍ରିୟାର ସ୍ୱଚ୍ଛତା ଲକ୍ଷ୍ୟ ନେଇ 'ଫ୍ରେମ୍ ଓ୍ୱର୍କ ଫର ଫର୍ମୁଲେସନ୍ ଅଫ୍ ରେଗୁଲେସନ୍' ପ୍ରକାଶ କରିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଉଥିବା ସମସ୍ତ ନିର୍ଦ୍ଦେଶନାମା, ମାର୍ଗଦର୍ଶିକା, ବିଜ୍ଞପ୍ତି, ଆଦେଶ, ନୀତି ଏବଂ ମାନକ ଏଥିରେ ଅନ୍ତର୍ଭୁକ୍ତ ହେବ। ଏହି ପ୍ରସ୍ତାବ ଅନୁଯାୟୀ, ଏଣିକି ନିୟମାବଳୀର ଚିଠା ଆର୍.ବି.ଆଇ'ର ଅଫିସିଆଲ ଓ୍ୱେବସାଇଟ୍‌ରେ ପ୍ରକାଶ ପାଇବ। ଏହା ଉପରେ ସାଧାରଣ ଜନତାଙ୍କଠାରୁ ୨୧ଦିନର ସମୟସୀମା ମଧ୍ୟରେ ମତାମତ ଲୋଡ଼ାଯିବ। ଏହାପରେ ଆର୍.ବି.ଆଇ. ନିଜ ଓ୍ୱେବସାଇଟ୍‌ରେ ଚୂଡ଼ାନ୍ତ ନିୟମ ଏବଂ ହସ୍ତଗତ ମତାମତ ଉପରେ ପ୍ରସ୍ତୁତ ଏକ ସାଧାରଣ ବିବରଣୀ ଉପସ୍ଥାପନ କରିବ। ଚୂଡ଼ାନ୍ତ ନିୟମରେ ମଧ୍ୟ ଯଦି କିଛି ସଂଶୋଧନର ଆବଶ୍ୟକତା ପଡ଼ିଲେ ସମାନ ପ୍ରକ୍ରିୟା ଅନୁସରଣ କରିବାକୁ ପଡ଼ିବ ବୋଲି କୁହାଯାଇଛି।

***Desk***

## ଖେଲୋ ଇଣ୍ଡିଆ

ବିହାରରେ ଅନୁଷ୍ଠିତ ହେବାକୁ ଥିବା ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା ପ୍ରତିଯୋଗିତାର ଭାରୋତ୍ତଳନ ବର୍ଗରେ ଓଡ଼ିଶାରୁ ୭ ଜଣ ଖେଳାଳି

ଅଂଶଗ୍ରହଣ କରିବେ । ଏହି ପ୍ରତିଯୋଗିତା ଆସନ୍ତା ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

***HS***

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ପୁଣି ବୃଦ୍ଧି ପାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ପାଇଁ ୧୧ଟି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ସୂଚନା ଜାରି କରାଯାଇଛି। ଜିଲ୍ଲାଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି। ଆଜି ଅପରାହ୍ନ ସାଢ଼େ ଗୋଟାଏ ସୁଦ୍ଧା ରାଜ୍ୟର ସର୍ବୋଚ୍ଚ ଦିନ ତାପମାତ୍ରା ସମ୍ବଲପୁରଠାରେ ୪୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।